


ଦକ୍ଷିଣ ଭାରତୀୟ ଭାସ୍କର୍ଯ୍ୟର ଚରମ ପରାକାଷ୍ଠା ତଥା ଓ୍ୟାଡେୟାର ରାଜବଂଶର ଅନେକ ସଂସ୍କୃତି ସଂପନ୍ନ ନିଦର୍ଶନମାନଙ୍କ ମଧ୍ୟରୁ ମହୀଶୂର ରାଜପ୍ରାସାଦର ସୃଷ୍ଟି ହୁଏତ ବିଶ୍ୱର ପୁରାତନ ସ୍ଥାପତ୍ୟମାନଙ୍କ ଭିତରେ ଅନ୍ୟତମ ଶ୍ରେଷ୍ଠ ସ୍ଥାପତ୍ୟ କଳାକୃତି । ଏପରି ଏକ ଭାସ୍କର୍ଯ୍ୟର ସଂଦର୍ଶନର ଇଚ୍ଛା ମୋର ଫଳବତୀ ହୁଏ କୌଣସି ସାଂଗଠନିକ କାବ୍ୟିକ ବ୍ୟାପାରରେ ମହୀଶୂରରେ ରହିବାର ସୁଯୋଗ ନେଇ । ସେଦିନ ଆଶ୍ୱିନର ଏକ ଅଳସ ତଥା ରଙ୍ଗୀନ ସଂଧ୍ୟାରେ ଏହି ପ୍ରାସାଦ ସମ୍ମୁଖସ୍ଥ ଲନ୍‌ରେ ବସି ମହୀଶୂର ରାଜପ୍ରାସାଦର ରଚନା ଚାତୁରୀ ଏବଂ ଆଲୋକ ମାଳାରେ ପରିବ୍ୟାପ୍ତ ରୂପଚର୍ଯ୍ୟା ସଂଦର୍ଶନରେ ବିମୋହିତ ହେବାର ଖିଆଲରେ ମୁଁ ସବ୍ୟସାଚୀ ମହାନ୍ତି, କଳ୍ପନା ବିଳାସୀ ମାନବିକତାର ପରିଚୟ ନେଇ ମଗ୍ନ ଥିଲି । ମୋ'ଠାରୁ ଅନତି ଦୂରରେ ମୋର ସଂପୂର୍ଣ୍ଣ ଅପରିଚିତା, ଅପରୂପା ସୁନ୍ଦରୀ ତରୁଣୀଟିଏ ବସି ରାଜପ୍ରାସାଦର ଜୀବନ୍ତ ପ୍ରତିକୃତି କ୍ୟାନଭାସ୍ ଦେହରେ ସଜାଇବାର ଚେଷ୍ଟାରେ ମଗ୍ନ ଥା'ନ୍ତି । ଜଣେ ସାରସ୍ୱତ ପ୍ରେମୀ ଭାବରେ ମୁଁ ମଧ୍ୟ ମୋର ଜୀବନ ଦର୍ଶନ ସହିତ ଅନେକ ଜୀବନ୍ତ ଚରିତ୍ରର ଅନୁଶୀଳନରେ ରତ ଥାଇ ମୋର ଛୋଟ ଖାତାରେ କିଛି ଆବେଗମୟ ଛନ୍ଦର ସୃଷ୍ଟିରେ ବ୍ୟସ୍ତ ଥିଲି । ଆମେ ଦୁହେଁ ସାଧାରଣ ପରିଚିତି ରହିତ ହୋଇ ଏକ ମାର୍ମିକ

ପରିବେଶରେ ଏକ୍ରତିତ ହେବାର ସ୍ୱପ୍ନ ଦେଖୁଥିଲୁ ବୋଧହୁଏ । ଏପରି ଏକ ପରିବେଶର ଲାସ୍ୟମୟୀ ମୂର୍ତ୍ତି ଅରୁଣା ଯେ ମୋତେ ଏକାଧିକବାର ଦେଖିବାର ଉପକ୍ରମ କରି ନିଜ ସୃଜନୀରେ ମଗ୍ନ ଥାନ୍ତି । ମାତ୍ର ମୁଁ ଯେତେଥର ତାଙ୍କୁ ଦେଖିବାର ଚେଷ୍ଟା କରିଛି, ସେତେଥର ଅରୁଣା ବି ତାଙ୍କର ଚକ୍ଷୁ ଫେରାଇ ନେବାର ସାମାନ୍ୟତମ ଚେଷ୍ଟା କରି ପାରିନାହାନ୍ତି ।

ସଂଧ୍ୟାଟା ମୋ' ପାଇଁ ଯେପରି ହଠାତ୍ ରଂଗିମାମୟ ହୋଇ ଉଠିଛି । ମନର ଆବେଗ ଏବଂ ଅଭାବନୀୟ ଚିନ୍ତାନେଇ ସାମାନ୍ୟ ବିବ୍ରତ ମୁଁ, ମୋର ସ୍ୱୀୟ ମାନସଚକ୍ଷୁର ପ୍ରତିଟି ସ୍ତବକରେ ଅରୁଣାଙ୍କୁ ଦେଖିବାର ପ୍ରଚେଷ୍ଟା କରି ଚାଲିଛି, ହୁଏତ ମୋର ନିଜର ଅଲକ୍ଷ୍ୟରେ । ବାକ୍ୟାଳାପର ଅଭୀପ୍ସା ମୋର ମନର ଅଜଣା ଏକ କୋଣରେ ଜାଗରିତ ହେବା ସ୍ୱାଭାବିକ । ଅରୁଣାଙ୍କ ପାଖକୁ ଯିବାର ମାନସିକତା ନେଇ ତଥା ଉଦ୍ରେଚିତ ସମ୍ଭାଷଣ ଜଣାଇବାର ମୋହରୁ ମୁଁ ନିବୃତ ହୋଇ ପାରିଲି ନାହିଁ । ତାଙ୍କର ପରିସ୍ଫୁଟ ଯୌବନର ଉଦ୍ଧାମତା ଏବଂ ମୋର କବି ମାନସର ମାନସିକତା ଦୁହେଁ ମୋର ଯାନ୍ତ୍ରିକ କାୟାଟାକୁ ଅରୁଣାଙ୍କର ନିକଟତର କଲେ । ତାପରେ ସାଧାରଣ ଶିଷ୍ଟାଚାରବଶତଃ ସମ୍ଭାଷଣ ଓ ନାମ ଉଚ୍ଚାରଣ ପର୍ବ ମଧ୍ୟରେ ଜଣାଗଲା ଯେ ଅରୁଣା ଗୋଟିଏ ଓଡ଼ିଆ ଝିଅ, ପିତାମାତାଙ୍କ ସହିତ କେରଳରେ ସ୍ଥାନିତ ଏବଂ ସେ ନିଜେ ତ୍ରିଚି ବିଶ୍ୱବିଦ୍ୟାଳୟର ଆଧୁନିକ ଚିତ୍ରକଳା ସଂସ୍ଥାନରେ ଜଣେ ଗବେଷଣାତ୍ମକ ଛାତ୍ରୀ । କ୍ୟାନଭାସ୍ ଉପରେ ବିଭିନ୍ନ ଦକ୍ଷିଣ ଭାରତୀୟ ସଂସ୍କୃତିର ସ୍ୱରୂପ ରୂପାୟନ ପାଇଁ ଷଡି ଟୁର୍‌ରେ ବାହାରି ସୁରମ୍ୟ ମହୀଶୂର ପ୍ରାସାଦର ଚିତ୍ରାଙ୍କନ ପ୍ରସ୍ତୁତିକୁ ଶେଷ ପର୍ଯ୍ୟାୟରେ ଉପନୀତ କରାଇଛି ଏବଂ ଆଜି ହିଁ ତାଙ୍କର ଶେଷଦିନ ମହୀଶୂର ରହଣୀର । ସେ ପ୍ରଥମ ଦେଖାରେ ମୋ' ସହିତ କରମର୍ଦ୍ଦନ କରି କହିଲେ ଯେ ସେ ସାରସ୍ୱତ ସାଧକ ତଥା କାବ୍ୟିକ ପ୍ରତିଭାମାନଙ୍କର ଜଣେ ଧୁରୀଣ ପ୍ରଶଂସକ । ଅନେକ କବିତାର ଉପଜୀବ୍ୟ ଯେ ସେ ନିଜେ, ତାହା ତାଙ୍କ କଳ୍ପନା ବିଳାସୀ ମନରେ ସ୍ଥାନିତ ନଥିଲା ବୋଧହୁଏ ।

ମୁଁ ମୋର ବକ୍ତବ୍ୟ ଉପସ୍ଥାପନ କରି କହିଲି, ଅରୁଣା ! ମାନବିକ ଚିନ୍ତାଧାରାର ବୈଚିତ୍ର୍ୟ ଏହା ଯେ ବିଭିନ୍ନତା ତଥା ଅସାମ୍ୟବାଦୀ ପରିସ୍ଥିତିରେ ମଧ ସାମ୍ୟ ଓ ଏକତାର ଫଲ୍‌ଗୁ ବୁହାଇଦେଇ ପାରେ ଜଣେ କବି, ଶିଳ୍ପୀ ବା ଚିତ୍ରକର । ଆମ ଦୁହିଁଙ୍କ ମଧ୍ୟରେ

ଭାବଗତ ତଥା ଜାତିଗତ ସାମ୍ୟ ଅଛି ଓଡ଼ିଆ ଭାବରେ, ଅଛି ସୃଜନୀର ମାନସିକତା, ଅଛି ସ୍ରଷ୍ଟାର ଅମୃତ ସୃଷ୍ଟିରେ ବ୍ୟର୍ଥତାକୁ କବର ଦେବାରେ ସଫଳବାଦୀ ମାନବିକ ଚିନ୍ତାଧାରାର ବୈଶିଷ୍ଟ୍ୟ ।

ତା'ପରେ ଅରୁଣା କହି ଉଠିଲେ ହଁ, ମୁଁ ମଧ୍ୟ କ୍ୟାନଭାସ୍ ଏବଂ ତୁଳୀରେ ମୋର ଜୀବନର ସମସ୍ତ ପ୍ରସ୍ଫୁଟିତ କୃତୀକୁ ଆପଣଙ୍କପରି ଜଣେ କୃତବିଦ୍ୟ ବ୍ୟକ୍ତିତ୍ୱଙ୍କୁ ତଥା ଚେତନଶୀଳ ଓ ରସଗ୍ରାହୀ ଚରିତ୍ରଙ୍କୁ ଦେଖାଇବାରେ ମୋର ଆନନ୍ଦର ସୀମା ନାହିଁ । ଆପଣ ସମୟ ଦେଇ ମୋ' ସହିତ କିଛି ସମୟ ଅତିକ୍ରମ କରିବାର ମାନସିକତା ଦେଖାଇ ପାରିବେ ତ ? ପ୍ରତ୍ୟେକ ନିବନ୍ଧରେ ମୋର ସୃଜନୀର ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଯାଇ ମୁଁ ଦେଖାଇଛି ଯେ ମାନବ ଈଶ୍ୱରଙ୍କର ମହିମାମୟ ସୃଷ୍ଟିର ଏକ ଅନବଦ୍ୟ ସୃଷ୍ଟି ଏବଂ ସୃଜନୀ ତା'ର ଅନ୍ତର୍ନିହିତ ଅଭିବ୍ୟକ୍ତିର ଚରମ ନିଦର୍ଶନ । ମୁଁ ତୁଳୀ ମାଧ୍ୟମରେ ମୋର ମନ ମୁକୁରର ପ୍ରତ୍ୟେକ ଆବେଗକୁ ରୂପ ଦେବାରେ ସଫଳ ହୋଇ ପାରିଛି କି ନାହିଁ ତାର ମୂଲ୍ୟାଙ୍କନ ଆପଣଙ୍କର ସଂଦର୍ଶନରେ ମୋର କୃତୀମାନଙ୍କର ହୋଇ ପାରିବ । ମୋର ସୃଷ୍ଟ ପ୍ରତ୍ୟେକ ଚିତ୍ରମାନଙ୍କ ସଂଦର୍ଶନରେ ଆପଣଙ୍କର କାବ୍ୟିକ ଚେତନାର ସାମାନ୍ୟ ସଂବେଦନଶୀଳତାର ପ୍ରତିକୃତିର ସୃଷ୍ଟି ହେଲେ, ମୋର ଶ୍ରମ ସାର୍ଥକ ହେବ ବୋଲି ମୁଁ ଉପଲବ୍ଧି କରିବି ।

-ଅରୁଣା ! କବିର କୃତୀ ତାର ହୃଦୟ ସୃଷ୍ଟ ଭାବନାର ସ୍ୱେଚ୍ଛାକୃତ ପ୍ଲାବନ ବ୍ୟତୀତ ଅନ୍ୟ କିଛି ନୁହେଁ । ସେ ତା'ର ମାନସ ଚକ୍ଷୁରେ ପ୍ରତିଫଳିତ ସମସ୍ତ ପ୍ରତିବିମ୍ବମାନଙ୍କୁ ଏକତ୍ରିତ କରି ସ୍ୱୀୟ ଲେଖନୀ ମୁନରେ ତା'ର ସୃଜନାତ୍ମକ କଳାର ସୃଷ୍ଟି କରେ । ତୁମେ ତାକୁ ତୁମର କ୍ୟାନଭାସରେ ରୂପ ଦିଅ ଏବଂ ଶିଳ୍ପୀ ତାକୁ ତା'ର ନିହାଣ ମୁନରେ ପରିସ୍ଫୁଟନ କରେ । ତେବେ ତୁମ ଓ ମୋ' ମଧ୍ୟରେ କୌଣସି ଭାବନୀୟ ବିଭେଦ ନାହିଁ ।

ତା'ପରେ ଆମେ ଦୁହେଁ ଅନେକ ସମୟ ପର୍ଯ୍ୟନ୍ତ ସଂଧ୍ୟାର ସମ୍ମୋହିତ ଆଲୋକିତ ପରିବେଶକୁ ଉପଭୋଗ କରିବାର ପ୍ରଚେଷ୍ଟା କରିଥିଲୁ । ଅରୁଣାଙ୍କୁ ମୋ' ଭିତରେ ବାନ୍ଧିରଖିବାର ମାନସିକ ପ୍ରସ୍ତୁତି ମୋର ନଥିଲା, କହି ହେବ ନାହିଁ । ବୋଧହୁଏ ଆମେ ଦୁହେଁ ଆନ୍ତରିକ ଭାବରେ ଆମର କଳ୍ପନା ରାଇଜରେ ବନ୍ଧା ହେବାର ଚେଷ୍ଟାରେ ନିମଗ୍ନ ଥିଲୁ ।

ମହୀଶୂର ରାଜପ୍ରାସାଦର ବର୍ଣ୍ଣାଢ଼୍ୟ ଆଲୋକ ସଜ୍ଜାଦ୍ୱାରା ତାହା ସୁନ୍ଦରତାର ଅନବଦ୍ୟ ପ୍ରତିକୃତି ଛଡ଼ା ଅନ୍ୟ କିଛି ନୁହେଁ ବୋଲି ମୋର ପ୍ରତୀତ ହେଉଥିଲା । ଯେପରି ଏକ କିଶୋରୀ କନ୍ୟା ନାନା ଅଳଙ୍କାର ବିମଣ୍ଡିତା ହୋଇ ନବବଧୂ ବେଶରେ ଦଣ୍ଡାୟମାନା ହେଲେ ଯେ ଏକ ମୂର୍ତ୍ତିମୟୀ ମାନବିକ ସୌଷ୍ଠବର ଅବତାରପରି ପ୍ରତୀୟମାନ ହେବ ନିଶ୍ଚୟ, ସେହିପରି ଏହି ରାଜବଂଶୀୟ କୃତି ହୁଏତ ଏକ ବର୍ଣ୍ଣ ବିଭୂଷିତ ଆବେଗମୟ ଜୀବନ୍ତ ପ୍ରତିକୃତି ଭାବରେ ଆମକୁ ପ୍ରତୀୟମାନ ହେଉଥିଲା ।

ତା'ପର ଦିନ ସକାଳ ଆମର ମହୀଶୂର ଛାଡ଼ିବାର ଶେଷ ସକାଳ ଥିଲା । ତେଣୁ ଅନେକ ରାତି ପର୍ଯ୍ୟନ୍ତ ସାନ୍ନିଧ୍ୟର ମଧୁର ବାତାବରଣ ଭିତରେ ଦୁହେଁ ଦୁହିଁଙ୍କ ମଧ୍ୟରେ ଥିବା ବିଭିନ୍ନ ବ୍ୟକ୍ତିସତ୍ତାକୁ ଭୁଲିଯାଇଥିଲୁ । ମନ ମଧ୍ୟରେଦୁଇଟି ପ୍ରେମିକ ଓ ପ୍ରେମିକାର ଆବେଗ ନ ଥାଇପାରେ; ମାତ୍ର ତାହା ଥିଲା ଦୁଇ ସୃଜନଶୀଳ ପ୍ରତିଭାର ମନସ୍ତାତ୍ତ୍ୱିକ, ରଚନାତ୍ମକ ସମ୍ମିଶ୍ରଣ ଖୁବ୍ କମ୍ ସମୟ ପାଇଁ । ବିଦାୟ ବେଳାରେ ଆମେ ଅନେକ ସମୟ ପର୍ଯ୍ୟନ୍ତ ଦୁହେଁ ଦୁହିଁଙ୍କୁ ଚାହିଁ ଅନେକ ସୁଉଚ୍ଚ ମିନାର ଗଢ଼ି ଯାଇଥିଲୁ । ସେ ସ୍ମୃତି ଆଜି ବି ମୋର ମାନସ ପଟରେ ଉଦ୍‌ଜୀବିତ ଅଛି, ଅରୁଣାଙ୍କର ଥିବ ମଧ୍ୟ । ହୁଏତ ସେହି ଗରିମାମୟ ସୌଧ ମୌନ ଭାବରେ ଆମ ଭାବପ୍ରବଣତାର ପଶ୍ଚାତ୍ ବିଶ୍ଳେଷଣାତ୍ମକ ଭାବନାରେ ସ୍ତମ୍ଭୀଭୂତ ହୋଇ ଚାହିଁ ରହିଥିବ ।

